# REGIONAL NEWS UNIT, AIR CUTTACK

## Evening Bulletin (6.45 PM)

### 9 October – 2026

**********************************

## ମୁଖ୍ୟ ସମ୍ବାଦ

- ରାଜ୍ୟରେ ପ୍ରଭାବଶାଳୀ ସାମାଜିକ ଗଣମାଧ୍ୟମ ନୀତି ପ୍ରଣୟନ ହେବ କହିଲେ ମୁଖ୍ୟମନ୍ତ୍ରୀ
- ପଞ୍ଚସଖା ଶିକ୍ଷା ସେତୁ ବୈଠକରେ ବିଦ୍ୟାଳୟଗୁଡିକର ଉନ୍ନତି ପାଇଁ ୭କୋଟି ୭୩ଲକ୍ଷ ଟଙ୍କାର ପ୍ରକଳ୍ପକୁ ମଞ୍ଜୁରୀ
- ଛାତ୍ରସଂସଦ ନିର୍ବାଚନ ପାଇଁ ନାମାଙ୍କନ ପରେ ପ୍ରକାଶ ପାଇଲା ଚୂଡାନ୍ତ ତାଲିକା

ଏବଂ

- ଭାରତୀୟ ବଂଶୋଭବ ନଭନେଥମ୍ ନାଭି ପିଲେ ପାଇବେ ଚଳିତବର୍ଷ ନୋବେଲ ଶାନ୍ତି ପୁରସ୍କାର

## ମୁଖ୍ୟମନ୍ତ୍ରୀ-ସୂଚନାସେବା

ଡିଜିଟାଲ ଯୁଗର ଆବଶ୍ୟକତାକୁ ଦୃଷ୍ଟିରେ ରଖି ସରକାର ସୂଚନା ଓ ସଂଚାର ପାଇଁ ଏକ ପ୍ରଭାବଶାଳୀ ସାମାଜିକ ଗଣମାଧ୍ୟମ ନୀତି ପ୍ରଣୟନ କରିବେ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି । ଭୁବନେଶ୍ୱର ଲୋକସେବା ଭବନ ସମ୍ମିଳନୀ କକ୍ଷରେ ଓଡ଼ିଶା ସୂଚନା ସେବା ଅଧିକାରୀଙ୍କ ଦିଗଦର୍ଶନ କାର୍ଯ୍ୟକ୍ରମରେ ଯୋଗଦେଇ ଶ୍ରୀ ମାଝୀ କହିଛନ୍ତି ଜିଲ୍ଲାଠାରୁ ଆରମ୍ଭ କରି ରାଜ୍ୟ ମୁଖ୍ୟାଳୟ ପର୍ଯ୍ୟନ୍ତ ସୂଚନା ଓ ଲୋକସମ୍ପର୍କ ବିଭାଗରେ ଏକ ନିରବଛିନ୍ନ ଡିଜିଟାଲ ସୂଚନା ଓ ଯୋଗାଯୋଗ ବ୍ୟବସ୍ଥା ଗଠନ କରାଯିବ । ଏହା ମାଧ୍ୟମରେ ମିଥ୍ୟା ତଥ୍ୟ ଗୁଜବର ମୁକାବିଲା ପାଇଁ ତଥ୍ୟ ଯାଞ୍ଚ ବ୍ୟବସ୍ଥା କାର୍ଯ୍ୟକାରୀ ହେବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି

**- V/O -**

ଏହି ଅବସରରେ ମୁଖ୍ୟମନ୍ତ୍ରୀ ସ୍ୱଚ୍ଛ ଓ ପାରଦର୍ଶୀ ବିଜ୍ଞାପନ ପରିଚାଳନା ପାଇଁ ଇ-ସଂଚାର ଆପ୍‌ର ଶୁଭାରମ୍ଭ କରିଛନ୍ତି ।

## ମୁଖ୍ୟମନ୍ତ୍ରୀ

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଜି ଲୋକଭବନରେ ରାଜ୍ୟପାଳ ଡକ୍ଟର ହରିବାବୁ କମ୍ଭମପାଟିଙ୍କୁ ସାକ୍ଷାତ କରି ରାଜ୍ୟ ବିକାଶର ପ୍ରାଥମିକତା ଏବଂ ପ୍ରମୁଖ ପଦକ୍ଷେପ ସମ୍ପର୍କରେ ଅବଗତ କରାଇଛନ୍ତି ।

ସାକ୍ଷାତ ସମୟରେ ରାଜ୍ୟର ଅଭିବୃଦ୍ଧିକୁ ତ୍ୱରାନ୍ୱିତ କରିବା, ବିଭିନ୍ନ ବିକାଶମୂଳକ କାର୍ଯ୍ୟକ୍ରମ ଏବଂ ଜନକଲ୍ୟାଣକୁ ଅଧିକ ପ୍ରାଧାନ୍ୟ ଦେବା ସମ୍ପର୍କରେ ଆଲୋଚନା କରାଯାଇଥିଲା । ଜନସାଧାରଣଙ୍କ ଆବଶ୍ୟକତା ପୂରଣ ଦିଗରେ ଜାରି ରହିଥିବା ବିଭିନ୍ନ ପ୍ରକଳ୍ପ ଓ ପ୍ରସ୍ତାବିତ ପଦକ୍ଷେପ ଉପରେ ଆଲୋଚନାରେ ଗୁରୁତ୍ୱାରୋପ କରାଯାଇଥିଲା ।

## ପଞ୍ଚସଖା ସେତୁ

ଭୁବନେଶ୍ୱରରେ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ସଚିବ ଏନ୍ ତିରୁମାଲା ନାୟକଙ୍କ ଅଧ୍ୟକ୍ଷତାରେ ପଞ୍ଚସଖା ଶିକ୍ଷା ସେତୁ'ର ଷଷ୍ଠ କାର୍ଯ୍ୟନିର୍ବାହୀ ବୈଠକ ଅନୁଷ୍ଠିତ ହୋଇଯାଇଛି । ବୈଠକରେ ରାଜ୍ୟର ୨୯ଟି ଜିଲ୍ଲାର ବିଭିନ୍ନ ବିଦ୍ୟାଳୟ ଉନ୍ନତି ପାଇଁ ୭କୋଟି ୭୩ଲକ୍ଷ ଟଙ୍କାର ୭୦୭ଟି ପ୍ରକଳ୍ପକୁ ମଞ୍ଜୁରୀ ମିଳିଛି । ଚଳିତ ବୈଠକରେ ପୁରାତନ ଛାତ୍ରଛାତ୍ରୀ, ଅଭିଭାବକ, ପରିଚାଳନା କମିଟି ସଦସ୍ୟ ଏବଂ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ୨କୋଟି ୫୭ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କାର ଆର୍ଥିକ ସହାୟତା ମିଳିଥିବା ଜଣାପଡିଛି । ପୁରାତନ ଛାତ୍ରଛାତ୍ରୀଙ୍କ ଅଂଶଗ୍ରହଣକୁ ଅଧିକ ବ୍ୟାପକ ଓ ପ୍ରଭାବଶାଳୀ କରିବା ପାଇଁ ଦୁଇଟି ନୂତନ କାର୍ଯ୍ୟକ୍ରମ 'ଆଲୁମିନି ପଡ୍‌କାଷ୍ଟ ଓ ଡିଷ୍ଟ୍ରିକ୍ଟ୍ ସ୍ପଟଲାଇଟ୍' ଆରମ୍ଭ କରିବା ସମ୍ପର୍କରେ ଆଲୋଚନା ହୋଇଥିଲା । ପୁରାତନ ଛାତ୍ରଛାତ୍ରୀଙ୍କ ସକ୍ରିୟ ଅଂଶଗ୍ରହଣ ଏବଂ ସାମୁହିକ ସହଯୋଗ ମାଧ୍ୟମରେ ବିଦ୍ୟାଳୟର ଭିତ୍ତିଭୂମି ବିକାଶ ସହ ଗୁଣାତ୍ମକ ଶିକ୍ଷାର ପ୍ରୋତ୍ସାହନ ଏହି ବୈଠକର ଲକ୍ଷ୍ୟ ଥିଲା ।

# ଛାତ୍ର ସଂସଦ ନିର୍ବାଚନ

ରାଜ୍ୟର ବିଭିନ୍ନ ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟରେ ଛାତ୍ର ସଂସଦ ନିର୍ବାଚନ ପାଇଁ ଆଜି ନାମାଙ୍କନପତ୍ର ଦାଖଲ ଶେଷ ହୋଇଛି। ଅପରାହ୍ନ ୨ଟାରୁ ୪ଟା ମଧ୍ୟରେ ନାମାଙ୍କନପତ୍ର ଗୁଡ଼ିକ ଯାଞ୍ଚ କରାଯାଇ ସନ୍ଧ୍ୟା ୫ଟାରେ ଚୂଡ଼ାନ୍ତ ପ୍ରାର୍ଥୀ ତାଲିକା ପ୍ରକାଶ ପାଇଛି। ଆସନ୍ତାକାଲି ଦିନ ଗୋଟାଏ ସୁଦ୍ଧା ପ୍ରାର୍ଥିପତ୍ର ପ୍ରତ୍ୟାହାର ପାଇଁ ସମୟ ଧାର୍ଯ୍ୟ କରାଯାଇଛି। ଆସନ୍ତା ୧୪ ତାରିଖରେ 'ହ୍ୱାଏ ଆଇ ଷ୍ଟାଣ୍ଡ୍' ସଭା ଅନୁଷ୍ଠିତ ହେବ। ୧୫ ତାରିଖ ଦିନ ଭୋଟ୍ ଗ୍ରହଣ କରାଯାଇ ଫଳାଫଳ ପ୍ରକାଶ ପାଇବ। ୧୬ ତାରିଖ ଦିନ ଶପଥ ଗ୍ରହଣ ଉତ୍ସବ ହେବ।

ସୂଚନା ଅନୁଯାୟୀ ରାଜ୍ୟର ୩୨୮ଟି ମହାବିଦ୍ୟାଳୟ ଏବଂ ୧୩ଟି ବିଶ୍ୱବିଦ୍ୟାଳୟରେ ଛାତ୍ର ସଂସଦ ପାଇଁ ନିର୍ବାଚନ ହେବ। ୨୦୨ଟି ମହାବିଦ୍ୟାଳୟ ଏବଂ ୩ଟି ବିଶ୍ୱବିଦ୍ୟାଳୟରେ ନିର୍ବାଚନ ବଦଳରେ ଛାତ୍ର ସଂସଦ ପାଇଁ ଚୟନ କରାଯିବ।

Nayagada

# ସେବା ସେତୁ ଅଭିଯାନ

ନୟାଗଡ ଜିଲ୍ଲା ରଣପୁର ପଞ୍ଚାୟତ ସମିତି କାର୍ଯ୍ୟାଳୟରେ ରାଜ୍ୟ ପଞ୍ଚାୟତି ରାଜ ଓ ପାନୀୟଜଳ ବିଭାଗ ପକ୍ଷରୁ ସେବା ସେତୁ ଅଭିଯାନ-୨୦୨୬' ଉଦ୍‌ଘାଟିତ ହୋଇଯାଇଛି । କାର୍ଯ୍ୟକ୍ରମରେ ବାଚସ୍ପତି ସୁରମା

ପାଢୀ ଯୋଗଦେଇ ବିଭିନ୍ନ ସରକାରୀ ଯୋଜନାର ସୁଫଳ ଜନସାଧାରଣଙ୍କ ନିକଟରେ ପହଞ୍ଚାଇବାକୁ ଆହ୍ୱାନ ଦେଇଥିଲେ ।

## ନୋବେଲ ପୁରସ୍କାର

ଭାରତୀୟ ବଂଶୋଦ୍ଭବ ଦକ୍ଷିଣ ଆଫ୍ରିକାର ଆଇନ୍‌ଜୀବୀ ନଭନେଥମ୍ ନାଭି ପିଲେ ଚଳିତ ବର୍ଷ ପାଇଁ ନୋବେଲ୍ ଶାନ୍ତି ପୁରସ୍କାର ପାଇବାକୁ ମନୋନୀତ ହୋଇଛନ୍ତି । ଶାନ୍ତି ଏବଂ ଆନ୍ତର୍ଜାତିକ ଆଇନ୍‌କୁ ପ୍ରୋତ୍ସାହନ କରିବା ଦିଗରେ ତାଙ୍କର ଅବଦାନ ପାଇଁ ଏହି ପୁରସ୍କାର ମିଳିବ । ଜାତିସଂଘ ମାନବ ଅଧିକାରର ପୂର୍ବତନ ମୁଖ୍ୟ ତଥା ଆନ୍ତର୍ଜାତିକ ନ୍ୟାୟାଳୟର ବିଚାରପତି ପିଲେ ମାନବ ଅଧିକାର ଏବଂ ସମାନତା ପ୍ରସାର ଦିଗରେ ନିଜକୁ ନିୟୋଜିତ କରିଥିଲେ।

୧୯୪୧ ମସିହାରେ ଡର୍ବାନ୍ ସହରରେ ଜନ୍ମ ଗ୍ରହଣ କରିଥିବା ନାଭି ପିଲେଙ୍କ ପିତାମାତା ତାମିଲ ଥିଲେ । ସେ ହେଉଛନ୍ତି, ଦକ୍ଷିଣ ଆଫ୍ରିକାର ଉଚ୍ଚ ନ୍ୟାୟାଳୟରେ କାର୍ଯ୍ୟ କରୁଥିବା ପ୍ରଥମ କୃଷ୍ଣକାୟ ମହିଳା । ପରବର୍ତ୍ତୀ ସମୟରେ  ରୁଆଣ୍ଡାର ଆନ୍ତର୍ଜାତିକ ଅପରାଧିକ ଟ୍ରିବ୍ୟୁନାଲ୍‌ର ବିଚାରପତି ତଥା ଅଧକ୍ଷ ଭାବେ କାର୍ଯ୍ୟ କରିଥିଲେ । ୨୦୦୮ରୁ ୨୦୧୪ ମସିହା ପର୍ଯ୍ୟନ୍ତ ସେ ଜାତିସଂଘର ମାନବାଧିକାର ହାଇକମିଶର୍ ଭାବେ ମଧ କାର୍ଯ୍ୟ କରିଥିଲେ ।

# ଡାକ ଦିବସ

ଡାକସେବା ଏବଂ ଡାକ ବିଭାଗ ବିଷୟରେ ଜନସଚେତନତା ସୃଷ୍ଟି ଉଦ୍ଦେଶ୍ୟରେ ଆଜି ବିଶ୍ୱ ଡାକ ଦିବସ ପାଳନ କରାଯାଉଛି। ଚଳିତ ବର୍ଷର ବିଷୟବସ୍ତୁ ରହିଛି "ଗୋଟିଏ ଡାକ ନେଟୱାର୍କ, ଅସୀମ ସମ୍ଭାବନା"। ଶୁଣନ୍ତୁ ଏ ସମ୍ପର୍କରେ ସ୍ୱତନ୍ତ୍ର ଉପସ୍ଥାପନା........

ହାତରେ ଗୋଟିଏ ଚିଠି, ଆଉ ସେଥିରେ ଭରି ରହିଥାଏ ଅନେକ ସ୍ମୃତି ଓ ଭାବନା। ସମୟ ବଦଳିଛି ଆଉ ଯୋଗାଯୋଗର ମାଧ୍ୟମ ମଧ୍ୟ ବଦଳିଛି। ଡାକର ସ୍ଥାନ ନେଇଛି ମୋବାଇଲ ମେସେଜ ଓ ଭିଡିଓକଲ। ଗାଁରୁ ଗ୍ଲୋବ ଏବେ ଗୋଟିଏ କ୍ଲିକରେ ଯୋଗାଯୋଗ ସମ୍ଭବ ହୋଇପାରୁଛି, ହେଲେ ନିଜ ପ୍ରିୟ-ପରିଜନ ଓ ଆତ୍ମୀୟଙ୍କ ଗୋଟିଏ ହାତ ଲେଖା ଚିଠିର ଗୁରୁତ୍ୱ ଏବେ ମଧ୍ୟ ରହିଛି। ଡାକବାଲା ଘର ସମ୍ମୁଖରେ ଚିଠି ଆସିଛି ବୋଲି କହିଦେଲେ ମନ ଭିତରେ ଅସୁମାରୀ ଭାବନା ଓ ଉନ୍ମାଦନା ସୃଷ୍ଟି ହୋଇଥାଏ। ୧୯୬୯ ମସିହାରେ ଜାପାନର ଟୋକିଓଠାରେ ୟୁନିଭର୍ସିଆଲ ପୋଷ୍ଟାଲ ୟୁନିଅନର ଅଧିବେଶନରେ ଭାରତ ପକ୍ଷରୁ ଆଜିର ଦିନକୁ ବିଶ୍ୱ ଡାକ ଦିବସ ଭାବେ ପାଳନ କରିବା ପାଇଁ ପ୍ରସ୍ତାବ ଦିଆଯାଇଥିଲା ଏବଂ ପରବର୍ତ୍ତୀ ସମୟରେ ସର୍ବସମ୍ମତିକ୍ରମେ ଏହି ଦିବସ ପାଳନ ପାଇଁ ପ୍ରସ୍ତାବ ପାରିତ ହୋଇଥିଲା। କଲିକତାରେ ଭାରତର ପ୍ରଥମ ଡାକଘର ସ୍ଥାପନା କରାଯାଇଥିଲା। ବିଶ୍ୱର ସର୍ବାଧିକ ଡାକଘର ଭାରତରେ ଥିବା ଜଣାପଡ଼ିଛି। ଡାକ କେବଳ ଚିଠି ପହଞ୍ଚାଏ ନାହିଁ, ପାଖରେ

ପହଞ୍ଚାଇଥାଏ ବିଶ୍ୱାସ ଓ ସମ୍ପର୍କର ଅତୁଟ ଭାବନା ।  ଏହା କିଛି ଶବ୍ଦ ନୁହେଁ, .... କେବେ ଏହା ଅପେକ୍ଷାରେ ଅନ୍ତ ଓ କେବେ ନୂଆ ଆଶାର ଆରମ୍ଭ ।

ଆକାଶବାଣୀ ଆଞ୍ଚଳିକ ସମ୍ବାଦ ବିଭାଗର  ପକ୍ଷରୁ ମୁଁ ସ୍ମୃତିରେଖା ତାରେଣିଆ।

SMP

## ସମଲେଶ୍ୱରୀଙ୍କ ଧବଳମୁଖୀ ବେଶ

ସମ୍ବଲପୁରର ଅଧିଷ୍ଠାତ୍ରୀ ଦେବୀ ମା' ସମଲେଶ୍ୱରୀ ଆସନ୍ତାକାଲି ପବିତ୍ର ମହାଳୟା ଅବସରରେ ଧବଳମୁଖୀ ବେଶରେ ଦର୍ଶନ ଦେବେ । ବର୍ଷ ସାରା ମା' ସିନ୍ଦୁରବର୍ଣ୍ଣା ରୂପେ ଦର୍ଶନ ଦେଉଥିବାବେଳେ ମହାଳୟା ଅବସରରେ ଧବଳମୁଖୀ ବେଶରେ ଦର୍ଶନ ଦେଇଥାନ୍ତି । ମନ୍ଦିର ପ୍ରଶାସନ ପକ୍ଷରୁ ଶ୍ରଦ୍ଧାଳୁଙ୍କ ଶୃଙ୍ଖଳିତ ଦର୍ଶନ ପାଇଁ ସ୍ୱତନ୍ତ୍ର ସମୟ ନିର୍ଘଣ୍ଟ ସ୍ଥିର ହୋଇଛି । ମଙ୍ଗଳ ଆରତୀ ପରେ ସକାଳ ୫ଘଣ୍ଟିକା ସମୟରେ ଦ୍ୱାରଫିଟା ନୀତି ଅନୁଷ୍ଠିତ ହେବ ବୋଲି ଜଣାପଡିଛି ।

Boudh

## ଜୋଶର ଶୁଭାରମ୍ଭ

ଜାତୀୟ ଯକ୍ଷ୍ମା ନିରାକରଣ କାର୍ଯ୍ୟକ୍ରମ ଅଧୀନରେ ବୌଦ୍ଧ ଜିଲ୍ଲାରେ ଯକ୍ଷ୍ମାମୁକ୍ତ ଭାରତ ଅଭିଯାନକୁ ଆହୁରି ସୁଦୃଢ କରିବା ଉଦ୍ଦେଶ୍ୟରେ ମିଳିତ ସ୍କ୍ୱାର୍ଡ ‘ଜୋଶ’ ର ଶୁଭାରମ୍ଭ ହୋଇଛି । ଜିଲ୍ଲା ସ୍ୱାସ୍ଥ୍ୟ ସମିତି ପକ୍ଷରୁ ଜିଲ୍ଲା ତାଲିମ କେନ୍ଦ୍ରଠାରେ ଆୟୋଜିତ କାର୍ଯ୍ୟକ୍ରମରେ ଜିଲ୍ଲାରେ ପଞ୍ଜୀକୃତ ୯୦ପ୍ରତିଶତ ଯକ୍ଷ୍ମା ରୋଗୀ ସୁସ୍ଥ ହୋଇ ସାରିଥିବା ସୂଚନା ମିଳିଛି।

Boudha

## ଭୋଟର ସଚେତନତା

ବୌଦ୍ଧ ଜିଲ୍ଲା ଷ୍ଟାଡିୟମ ପରିସରରେ ମହାବିଦ୍ୟାଳୟର ଛାତ୍ରଛାତ୍ରୀ ଏବଂ ଯୁବଯୁବତୀମାନଙ୍କୁ ନେଇ ଏକ ଭୋଟର ତାଲିକାରେ ନାମ ଅନ୍ତର୍ଭୁକ୍ତୀ ସମ୍ପର୍କରେ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ ଅନିରୁଦ୍ଧ ପ୍ରଧାନ ଯୋଗଦେଇ ଯୁବ ଭୋଟରମାନଙ୍କୁ ନିର୍ବାଚନ ପ୍ରକ୍ରିୟାରେ ସକ୍ରିୟଭାବେ ସାମିଲ ହେବାକୁ ପରାମର୍ଶ ଦେଇଥିଲେ ।

Nayagada

## ଭାରତ ସଂକଳ୍ପ ଯାତ୍ରା

ନୟାଗଡ ଜିଲ୍ଲା ଖଣ୍ଡପଡା ପଞ୍ଚାୟତ ସମିତି କାର୍ଯ୍ୟାଳୟଠାରେ ସେବା ଜ୍ୟୋତି ଯାତ୍ରା ଅବସରରେ ଆଜି ବିକଶିତ ଭାରତ ସଂକଳ୍ପ ସଭା ଅନୁଷ୍ଠିତ ହୋଇଯାଇଛି । କାର୍ଯ୍ୟକ୍ରମରେ ବିଧାୟକ ଦୁଷ୍ମନ୍ତ କୁମାର ସ୍ୱାଇଁ

ଯୋଗଦେଇ ଦେଶର ସାମଗ୍ରିକ ବିକାଶ ପାଇଁ ଜନସାଧାରଣଙ୍କ ସହଯୋଗ ଉପରେ ଗୁରୁତ୍ୱାରୋପ କରିଥିଲେ ।

Puri/Koraput

## ଗୋପବନ୍ଧୁ ଜୟନ୍ତୀ

ପୁରୀ ଜିଲ୍ଲା ସତ୍ୟବାଦୀ ସ୍ଥିତ କାଦୁଆ ଆଶ୍ରମଠାରେ ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସଙ୍କ ୧୪୯ତମ ଜୟନ୍ତୀ ପାଳିତ ହୋଇଯାଇଛି । କାର୍ଯ୍ୟକ୍ରମରେ ସୂଚନା ଓ ଲୋକସମ୍ପର୍କ ଯୁଗ୍ମ ନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ ଯୋଗଦେଇ ଗୋପବନ୍ଧୁଙ୍କ ତ୍ୟାଗ ଓ ଆଦର୍ଶ ସମ୍ପର୍କରେ ଗୁରୁତ୍ୱାରୋପ କରିଥିଲେ ।

ସେହିପରି କୋରାପୁଟ ସ୍ଥିତ ଗୋପବନ୍ଧୁ ପାର୍କଠାରେ ଉତ୍କଳମଣିଙ୍କ ଜୟନ୍ତୀ ପାଳିତ ହୋଇଯାଇଛି । ସମାଜ ସେବା, ସାମ୍ବାଦିକତା ଏବଂ ଓଡିଶା ଗଠନ କ୍ଷେତ୍ରରେ ତାଙ୍କ ଅବଦାନକୁ ସ୍ମରଣ କରି ଅତିଥିମାନେ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଛନ୍ତି ।

Nayagada

## ଏକ ପେଡ, ମା'କେ ନାମ

ନୟାଗଡ ଜିଲ୍ଲା ଓଡଗାଁ ବିଜ୍ଞାପିତ ଅଞ୍ଚଳ ପରିଷଦ କାର୍ଯ୍ୟାଳୟ ପରିସରରେ 'ଏକ ପେଡ, ମା'କେ ନାମ' ଏବଂ 'ସ୍ୱଚ୍ଛତା ହିଁ ସେବା' ଅଭିଯାନରେ ଚାରାରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି ।

କାର୍ଯ୍ୟକ୍ରମରେ ମା’ଙ୍କ ସମ୍ମାନାର୍ଥେ ଗୋଟିଏ ଗଛ ଲଗାଇବା ସହ ପରିବେଶ ସୁରକ୍ଷା ଓ ସ୍ୱଚ୍ଛତା ସମ୍ପର୍କରେ ସଚେତନ କରାଯାଇଥିଲା ।

BDK/Debagada/Ganjam

## କିଛି ସମ୍ବାଦ ସଂକ୍ଷେପରେ ...

ଭଦ୍ରକ ଜିଲ୍ଲା ପ୍ରଶାସନ ପକ୍ଷରୁ ସଂସ୍କୃତି ଭବନଠାରେ ଜାତୀୟ ପୋଷଣ ମାସ, ଆମ ଅଙ୍ଗନବାଡି ଆମ ଦାୟିତ୍ୱ’ ଏବଂ ପୁଷ୍ଟିକର ମାଣ୍ଡିଆ ଖାଦ୍ୟ ପ୍ରଦର୍ଶନୀ ଅନୁଷ୍ଠିତ ହୋଇଯାଇଛି ।

ଦେବଗଡ ଜିଲ୍ଲାପାଳଙ୍କ ବିକାଶଭବନ ସମ୍ମିଳନୀ କକ୍ଷଠାରେ ଜିଲ୍ଲା ନୋଡାଲ ଅଧିକାରୀ କେ. ସୁଦର୍ଶନ ଚକ୍ରବର୍ତ୍ତୀ ବିଭିନ୍ନ ଯୋଜନା ଓ ପ୍ରକଳ୍ପଗୁଡିକର ସମୀକ୍ଷା କରିଥିଲେ ।

ଗଞ୍ଜାମ ଜିଲ୍ଲା ବ୍ରହ୍ମପୁରଠାରେ ‘ସେବା ସଂକଳ୍ପ ଅଭିଯାନ-୨୦୨୬’, ଶ୍ରମିକ କଲ୍ୟାଣ ଓ ସାମାଜିକ ସୁରକ୍ଷା ସମ୍ପର୍କରେ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି ।

ଗଞ୍ଜାମ ଜିଲ୍ଲାରେ ପର୍ଯ୍ୟଟନ ଶିଳ୍ପର ବିକାଶ ସହ ନିବେଶକୁ ପ୍ରୋତ୍ସାହିତ କରିବା ଲକ୍ଷ୍ୟରେ ଛତ୍ରପୁରସ୍ଥିତ ଋଷିକୁଲ୍ୟା ସମ୍ମିଳନୀ କକ୍ଷରେ ପର୍ଯ୍ୟଟନ ନିବେଶକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି ।

ଆସନ୍ତା ପଞ୍ଚାୟତ ନିର୍ବାଚନ ପୂର୍ବରୁ ସ୍ୱଚ୍ଛ ଓ ନିର୍ଭୁଲ ଭୋଟର ତାଲିକା ପ୍ରସ୍ତୁତି ଲକ୍ଷ୍ୟ ନେଇ ଗଞ୍ଜାମ ଜିଲ୍ଲାର ମାଷ୍ଟର ଟ୍ରେନରମାନଙ୍କ ପାଇଁ ଜିଲ୍ଲାସ୍ତରୀୟ ତାଲିମ ଶିବିର ଅନୁଷ୍ଠିତ ହୋଇଯାଇଛି ।